

୧୯ ବର୍ଷ ● ୭ମ ସଂଖ୍ୟା ● ଜାନୁଆରୀ ୨୦୧୯

**ପ୍ରଥମ ପ୍ରସଙ୍ଗ:** ପ୍ରେମ, ପରିଣୟ ଓ ପରାକାଷ୍ଠା (ଚତୁର୍ଥ ଭାଗ)

**ଆଳାପ:** ଶିକ୍ଷା ମାଧ୍ୟମରେ ମହିଳାମାନେ ସଶକ୍ତ ହୋଇପାରିବେ:ବାରୋନେସ୍ ଉଷା କୁମାରୀ ପ୍ରାସର

**କାଳଜୟୀ:** ସରଳା ଦେବୀ

**ପ୍ରଚ୍ଛଦ ପ୍ରସଙ୍ଗ:** ସଂଘର୍ଷ ଓ ସଂକଳ୍ପ

**ପ୍ରଚ୍ଛଦ ପ୍ରସଙ୍ଗ:** ସଂଘର୍ଷ ଓ ସଂକଳ୍ପ: ସେମାନେ ଯାହା କୁହନ୍ତି

**ସାହିତ୍ୟ :** ୯ଟି ଗଳ୍ପ, ୭ଟି କବିତା

**ନିୟମିତ :** ରାଶିଫଳ, ଆମ ରୋଷେଇ, ଘରକରଣା ଓ ଅନ୍ୟାନ୍ୟ ବିଭାଗ ।

## ପ୍ରଥମ ପ୍ରସଙ୍ଗ : ପ୍ରେମ, ପରିଣୟ ଓ ପରାକାଷ୍ଠା (ଚତୁର୍ଥ ଭାଗ)

**ଲେଖିକା : ଇତି ସାମନ୍ତ**

ବୁଦ୍ଧିମତୀ ତୁମେ। ତୁମ ଭଳି ନାରୀ ରତ୍ନକୁ ଅନାଦର କରି ଅତ୍ୟନ୍ତ ଭୁଲ କର୍ମ କରିଛି। ଏକଥା ମୁଁ ଭଲ ଭାବରେ ବୁଝିଛି; ଉତ୍ତମ ନାରୀ ସଦାସର୍ବଦା ଉଚିତ ପରାମର୍ଶ ଦେଇଥାନ୍ତି ପୁରୁଷଙ୍କୁ। ଯେଉଁ ପୁରୁଷ ଉତ୍ତମ ନାରୀଙ୍କୁ ସମ୍ମାନ ଦେଇ ତାଙ୍କର ପରାମର୍ଶକୁ ଗ୍ରହଣ ନ କରନ୍ତି ସେମାନଙ୍କର ଦଶା ମୋରି ଭଳି ହୋଇଥାଏ। ହେବା ଉଚିତ ମଧ୍ୟ।

## ଆଳାପ : ଶିକ୍ଷା ମାଧ୍ୟମରେ ମହିଳାମାନେ ସଶକ୍ତ ହୋଇପାରିବେ: ବାରୋନେସ୍ ଉଷା କୁମାରୀ ପ୍ରାସର

ମୂଳତଃ ଭାରତୀୟ। ଜନ୍ମ ହୋଇଛନ୍ତି କେନିଆରେ। ପିଲାଦିନ କଟିଛି ଇଂଲଣ୍ଡରେ। ସେଇଠି ସେ ବଢ଼ିଛନ୍ତି, ପଢ଼ିଛନ୍ତି ଓ ଆଗକୁ ଯାଇଛନ୍ତି। ଏତେ ଆଗକୁ ଯାଇଛନ୍ତି ଯେ ଯେଉଁଠି ପହଞ୍ଚିବା ଅନ୍ୟ ଅନେକଙ୍କ ପାଇଁ ସ୍ୱପ୍ନ। ଏଠି ମୁଁ ଯାହାଙ୍କ କଥା କହୁଛି, ସିଏ ଏ ମାସର 'କାଦମ୍ବିନୀ'ର ପ୍ରଚ୍ଛଦ ମଣ୍ଡନ କରିଛନ୍ତି। ସେ ହେଉଛନ୍ତି ଇଂଲଣ୍ଡର ଉଚ୍ଚ ସଦନ ହାଉସ୍ ଅଫ୍ ଲର୍ଡସ୍‌ର ମାନନୀୟା ସଦସ୍ୟା ସମ୍ମାନନୀୟା ବାରୋନେସ୍ ଉଷା କୁମାରୀ ପ୍ରାସର। ଭାରତର ଗୌରବ ଓ ବିଶ୍ୱର ସୌରଭ ତଥା ବିଶ୍ୱର ବହୁଚର୍ଚ୍ଚିତ, ବହୁ କ୍ଷମତାସଂପନ୍ନ ମହିଳା ବାରୋନେସ୍ ଉଷା କୁମାରୀ ପ୍ରାସର ନିକଟରେ 'କିଟ୍' ଓ 'କିସ୍' ଗସ୍ତରେ ଆସିଥିବାବେଳେ ଏହି ଦୁଇଟି ଅନୁଷ୍ଠାନର କାର୍ଯ୍ୟ ଦେଖି ଅଭିଭୂତ ହୋଇଯାଇଥିଲେ ଏବଂ ଏହି ଦୁଇ ଅନୁଷ୍ଠାନର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଭୂମିକାକୁ ଉଚ୍ଚ ପ୍ରଶଂସା କରିଥିଲେ। ଏହିଭଳି ଜଣେ ବିଶ୍ୱର ବିଶିଷ୍ଟ ମହିଳାଙ୍କୁ ପାଖରେ ପାଇ ଇଚ୍ଛା ହେଉଥିଲା ତାଙ୍କୁ ଆହୁରିଟିକିଏ ପାଖରୁ ଭେଟିବା ପାଇଁ। ତାଙ୍କ ସହିତ ଆଳାପ ଆଲୋଚନା କରି ତାଙ୍କର ଜୟଯାତ୍ରା ବିଷୟରେ ଜାଣିବା ପାଇଁ। ପଚାରିଥିଲି ତାଙ୍କୁ ଦେଶ ଦୁନିଆ ବିଷୟରେ କେତେ କ'ଣ। ଇଚ୍ଛାଥିଲା, ସେସବୁକୁ 'କାଦମ୍ବିନୀ' ପୃଷ୍ଠାରେ ସଜେଇବା ପାଇଁ ପ୍ରିୟ ପାଠକଙ୍କ ନିମନ୍ତେ। ତାଙ୍କ ଜୀବନ, ସଂଘର୍ଷ ଓ ସଫଳତା ବିଷୟରେ ଜାଣିଲେ ଆମ ସମାଜର ମହିଳାଙ୍କୁ ପ୍ରେରଣା ମିଳିବ ନିଶ୍ଚିତ। ବାରୋନେସ୍ ଉଷା କୁମାରୀ ପ୍ରାସରଙ୍କ ସହିତ ସେହି ମଧୁର ଆଳାପ ଏଠାରେ 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ନିମନ୍ତେ। ସାକ୍ଷାତ ଓ ଉପସ୍ଥାପନା: ଇତି ସାମନ୍ତ

## କାଳଜୟୀ:

**ସରଳା ଦେବୀ**

ସରଳା ଦେବୀ। ମହାନ ବିପ୍ଳବିଣୀ। ଓଡ଼ିଶାର ବହ୍ନିକନ୍ୟା। କାରାବରଣ କରିଥିବା ଓଡ଼ିଶାର ପ୍ରଥମ ମହିଳା ସ୍ୱାଧୀନତା ସଂଗ୍ରାମୀ। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବିଧାୟକ। ଓଡ଼ିଆ ଭାଷାକୁ ସରକାରୀ ଭାଷାରୂପେ ଗ୍ରହଣ କରିବାର ସଂଗ୍ରାମରେ ପ୍ରଥମ ମହିଳା। ଅସହଯୋଗ ଆନ୍ଦୋଳନର ପ୍ରଥମ ଓଡ଼ିଆ ମହିଳା ସତ୍ୟାଗ୍ରହୀ। ଓଡ଼ିଶା ବିଧାନସଭାର ପ୍ରଥମ ମହିଳା ବାଚସ୍ପତି। କଟକ ସମବାୟ ବ୍ୟାଙ୍କର ପ୍ରଥମ ମହିଳା ନିର୍ଦ୍ଦେଶକ। ଏମିତି ଅନେକ ପ୍ରଥମ ତାଙ୍କୁ ବିଶେଷଭାବରେ ବିଶେଷିତ କରିଥାଏ। ପୁରୁଷ ପ୍ରଭାବୀ ସମାଜ ଭିତରେ ନାରୀସ୍ଥିତିର ଅସହାୟତା ତାଙ୍କୁ ବ୍ୟଥିତ କରିଥିଲା। ପ୍ରଥା ପରମ୍ପରା ସଂସ୍କୃତି ଶାଳୀନତାର ଆଳ ଦେଖାଇ ନାରୀକୁ ପୁରୁଷର ପଛରେ ରଖିବା ପସନ୍ଦ ନ ଥିଲା ସରଳା ଦେବୀଙ୍କୁ। ସମାଜ ପାଇଁ ଉଭୟ ନାରୀ, ପୁରୁଷଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେବଳ ପୁରୁଷଙ୍କ ଉତ୍ଥାନ ସମାଜକୁ ଆଗକୁ ନେଇପାରିବ ନାହିଁ। ସମତାଳରେ ନାରୀଙ୍କ ଉତ୍ଥାନ ଆବଶ୍ୟକ। ଏହାକୁ ହୃଦୟଙ୍ଗମକରି ସରଳା ଦେବୀ ନାରୀ ସମାଜକୁ ବଳିଷ୍ଠ କରିବାରେ ଲାଗି ପଡ଼ିଥିଲେ। ଆସନ୍ତୁ ପଢ଼ିବା। - ସମ୍ପାଦିକା

## ବିପ୍ଳବିଣୀ ସାହିତ୍ୟ ସାଧିକା ସରଳା, ଏକ ମୁଗ୍ଧ ଦୃଷ୍ଟି

**ଲେଖିକା : ପ୍ରଫେସର ସଂଘମିତ୍ରା ମିଶ୍ର**

୧୯୨୦-୨୧ରେ ହୋଇଥିବା ଅସହଯୋଗ ଆନ୍ଦୋଳନରେ ସେ ଯୋଗ ଦେଇଥିଲେ। ଅସହଯୋଗର ମୂଳନୀତିକୁ ସେ ଗ୍ରହଣ କରି ତଦନୁସାରେ ନିଜର ବ୍ୟକ୍ତିତ୍ୱକୁ ଗଢିଥିଲେ। ସେ ଛୁଆଁ ଅଛୁଆଁ ମାନୁ ନ ଥିଲେ। ପରଦା ପ୍ରଥାର ବିରୋଧ କରୁଥିଲେ। ସୂତା କାଟି ଖଦୀବସ୍ତ୍ର ପିନ୍ଧୁଥିଲେ। ସବୁଠାରୁ ବଡ଼ କଥା ହେଉଛି ସେ ସରକାରୀ କୋର୍ଟ କଚେରି ବର୍ଜନ କରିବାକୁ ମଧ୍ୟ ସମସ୍ତଙ୍କୁ ଅନୁରୋଧ କରୁଥିଲେ। କୌଣସିମତେ ସରକାରଙ୍କ ନୀତିକୁ ଅମାନ୍ୟ କରିବା ଓ ସ୍ୱାବଲମ୍ବୀ ହେବା ଥିଲା ତତ୍କାଳୀନ ସ୍ୱାଧୀନତା କର୍ମୀ ଦୃଢ଼ଚେତା ମଣିଷମାନଙ୍କର ପ୍ରଥମ ପଦକ୍ଷେପ। ଏହି ପଦକ୍ଷେପରେ ଏକମାତ୍ର ମହିଳା ସହଯୋଗୀ ଥିଲେ ସରଳା ଦେବୀ।

## ନାରୀର ଦାବି

### ଲେଖିକା : ସରଳା ଦେବୀ

ଭାରତ ଦେଶ ପକ୍ଷରେ, ବିଶେଷତଃ ହିନ୍ଦୁଜାତି ପକ୍ଷରେ, ସ୍ତ୍ରୀଜାତିର ସ୍ୱାଧୀନତାର ଅର୍ଥ କ'ଣ ତାହା ଆଜି ବହୁଳ ପରିମାଣରେ ଆଲୋଚିତ ହେଉଅଛି। କିଏ କେତେ ପ୍ରକାର କହୁଛି, ତା'ର ଇୟତ୍ତା ନାହିଁ। ହିନ୍ଦୁସମାଜରେ ସ୍ତ୍ରୀ ଓ ପୁରୁଷର ସ୍ଥାନ ନିରୂପଣ କରିବାରେ ବିଶେଷ ମତଭେଦ ରହିଛି ବୋଲି ଏହି ସ୍ୱାତନ୍ତ୍ର୍ୟ ନେଇ ଏତେ ଝଗଡ଼ା।

## ପ୍ରଚ୍ଛଦ ପ୍ରସଙ୍ଗ : ସଂଘର୍ଷ ଓ ସଂକଳ୍ପ

### ଲେଖିକା : ଇତି ସାମନ୍ତ

ନାରୀର ସଂଘର୍ଷ ଓ ସେହି ସଂଘର୍ଷକୁ ଅତିକ୍ରମ କରିବା ପାଇଁ ତା'ର ଦୃଢ଼ ସଂକଳ୍ପ ସୃଷ୍ଟି କରିଛି ଏକ ନୂଆ ଜାଗରଣ। ଏହି ସଂଘର୍ଷ ପଥରେ କେତେବେଳେ ନାରୀ ନିଜକୁ ବଳିଦାନ ଦେଇଛି ତ ଆଉ କେତେବେଳେ ପୁଣି ସେଥିରୁ ମୁକୁଳି ସଂକଳ୍ପ ନେଇଛି ନୂଆ ଜୀବନର। ଆଗାମୀ ପିଢ଼ି ପାଇଁ ତିଆରି କରିଛି ନୂଆବାଟ। ସଂଘର୍ଷକୁ ଆଗକୁ ଆଗେଇ ନେବା ପାଇଁ ଅନ୍ୟମାନଙ୍କୁ ଯୋଗାଇଛି ପ୍ରେରଣା। ନାରୀର ସେହିସବୁ ସଂଘର୍ଷ ଓ ସଂକଳ୍ପର କଥାକୁ ନେଇ ଏଥରର 'କାଦମ୍ବିନୀ'ର ପୃଷ୍ଠାସବୁ।

## ପ୍ରଚ୍ଛଦ ପ୍ରସଙ୍ଗ : ସଂଘର୍ଷ ଓ ସଂକଳ୍ପ : ସେମାନେ ଯାହା କୁହନ୍ତି

### ଉପସ୍ଥାପନା : ଇତି ସାମନ୍ତ

ବର୍ତ୍ତମାନର ପରିସ୍ଥିତି କିଛି ଭିନ୍ନ କଥା କହୁଛି। ମହିଳାଟିଏ ନିଜକୁ ଆଦୌ ସୁରକ୍ଷିତ ମଣିପାରୁନି ଆଜିର ସମାଜରେ। ଅନ୍ୟ ଅନେକ ସମସ୍ୟା ସହିତ ବଢ଼ି ଚାଲିଥିବା କୁତ୍ସିତ ଯୌନ ଅପରାଧ, ଦୁଷ୍କର୍ମ, ଚାଲାଣ ପ୍ରଭୃତି ସେମାନଙ୍କ ସ୍ଥିତିକୁ ଅତ୍ୟନ୍ତ ଅସୁରକ୍ଷିତ କରିଦେଇଛି। ଏଥିପାଇଁ ଦେଶର ସାମାଜିକ ଅବସ୍ଥା, ନ୍ୟାୟ ବ୍ୟବସ୍ଥା ପ୍ରଭୃତି ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ ହେଉଛି। ଏଥିନେଇ ସମଗ୍ର ଦେଶ ଏବେ ଚିନ୍ତାରେ। ଏଇମିତି ପରିସ୍ଥିତି ଯଦି ଜାରିରହେ ତେବେ କ'ଣ ହେବ ଏହାର ପରିଣତି, କିଭଳି ଏହି ସମସ୍ୟାକୁ ରୋକିହେବ-ଏହାକୁ ନେଇ ସମସ୍ତେ ଚିନ୍ତିତ। 'କାଦମ୍ବିନୀ'ରେ ନାରୀର ସଂଘର୍ଷ ଏବଂ ସଂକଳ୍ପକୁ ନେଇ ବିଶେଷ ଲେଖାଟିଏ ପ୍ରସ୍ତୁତ କଲାବେଳେ ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓ ଦେଶର ଆଇନକାନୁନ ଓ ସାମାଜିକ ବ୍ୟବସ୍ଥା ସହ ଜଡ଼ିତ କିଛି ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ଭେଟି ଏହି ସମସ୍ୟା ବାବଦରେ ଜାଣିବାକୁ ଚାହିଁଥିଲି। ଖୁସୀର ବିଷୟ ସେମାନେ ସେମାନଙ୍କର ସ୍ୱଷ୍ଟ ମତ ପ୍ରଦାନ କରିଥିଲେ। ମହିଳାମାନଙ୍କ ଉପରେ ବଢ଼ି ଚାଲିଥିବା ଏପରି ଏକ ସମ୍ବେଦନଶୀଳ ସାମାଜିକ ସମସ୍ୟାର କଥା, ଏହି ସମସ୍ୟାର ସମାଧାନର କଥା, ଆଇନକାନୁନ୍ ତଥା ନୀତିନିୟମର କଥା, ନୈତିକତାର କଥା, ବ୍ୟବସ୍ଥାର କଥା ଇତ୍ୟାଦି ରହିଛି ସେମାନଙ୍କ ମତାମତରେ। ମୋର ଆଶା ଓ ବିଶ୍ୱାସ ମୁଁ ଭେଟିଥିବା ଏହି ବିଶିଷ୍ଟ ବ୍ୟକ୍ତିମାନଙ୍କର ମତାମତ ମୋର ପ୍ରିୟ 'କାଦମ୍ବିନୀ'ର ପାଠକମାନଙ୍କୁ ବେଶ୍ ଆନ୍ଦୋଳିତ କରିବ; ସେମାନେ ହେଲେ: ରେଖା ଶର୍ମା, ସନ୍ତୋଷ ବାଲା, ରବିକାନ୍ତ, ଧରଣୀଧର ନାୟକ, ସୁଚିତ୍ରା ଆୟାର, ରାଧାକାନ୍ତ ତ୍ରିପାଠୀ।

## ପ୍ରଚ୍ଛଦ ପ୍ରସଙ୍ଗ : ଝିଅ ଯିବା ପରେ

### ସାକ୍ଷାତ ଓ ଉପସ୍ଥାପନା : ଇତି ସାମନ୍ତ

ବର୍ଷ ପରେ ବର୍ଷ ବିତି ସାରିଥିଲେ ମଧ୍ୟ ଏବେ ବି ଭିତରେ ଭିତରେ ଗୁମୁରି ଗୁମୁରି କାନ୍ଦୁଛନ୍ତି ସେ। ଖାଲି ଭିତରେ କ'ଣ, ଝିଅର କଥା ପଡ଼ିବା କ୍ଷଣି ଝର୍‌ଝର୍ ହେଇ ଲୁହସବୁ ଝରିପଡ଼ିଥିଲା ଆଖିରୁ ତାଙ୍କର। ମୁଁ ବି ସମ୍ଭାଳି ପାରି ନ ଥିଲି ନିଜକୁ। ଇଚ୍ଛା ହେଉଥିଲା ସେହିକ୍ଷଣି ପୁରୁଷର ମନ ଭିତରେ ଥିବା ସେହି ପଶୁତ୍ୱର ଭାବକୁ, ସେହି ପିଶାଚପଣିଆର ଭାବକୁ ନିଶ୍ଚିହ୍ନ କରିଦେବା ପାଇଁ ଯୁଗଯୁଗକୁ। ସେହି ବର୍ଷବର୍ଷ ଧରି ଗୁମୁରି ଗୁମୁରି କାନ୍ଦୁଥିବା ମା'ର ଲୁହରେ, ମୋ ଲୁହରେ ଓ ସାରା ନାରୀ ଜାତିର ଲୁହରେ ଭାସିଯାଉ ପୁରୁଷ ଭିତରର ସେହି କାମୁକତା।

## ପ୍ରଚ୍ଛଦ ପ୍ରସଙ୍ଗ : ହାରି ନାହିଁ ଯିଏ

### ସାକ୍ଷାତ ଓ ଉପସ୍ଥାପନା : ଇତି ସାମନ୍ତ

ସମାଜରେ ମହିଳାଙ୍କ ଅଧିକାର, ସେହି ଅଧିକାରର ସୁରକ୍ଷା, ମହିଳାମାନଙ୍କ ସଂପର୍କିତ ସମସ୍ୟା ବିଶେଷତଃ ଦୁଷ୍କର୍ମ, ମହିଳା ଚାଲାଣ ଓ ଦେହ ବ୍ୟବସାୟ ବିରୁଦ୍ଧରେ ଦେଶବ୍ୟାପୀ ସକ୍ରିୟଭାବେ କାର୍ଯ୍ୟ କରୁଛି ସ୍ୱେଚ୍ଛାସେବୀ ସଙ୍ଗଠନ 'ପ୍ରଜ୍ୱଳା'। ଏହି ଅଭିଯାନ ପଛରେ ରହିଛି ଜଣେ ଏକନିଷ୍ଠ, ସାହସୀ ଓ ଦୃଢ଼ମନା ମହିଳାଙ୍କର ଐକାନ୍ତିକ ଉଦ୍ୟମ ଓ ପ୍ରଚେଷ୍ଟା। ସିଏ ହେଉଛନ୍ତି ପଦ୍ମଶ୍ରୀ ସୁନିତା କ୍ରିଷ୍ଣନ। 'ପ୍ରଜ୍ୱଳା'ର ସେ ହେଉଛନ୍ତି ସଂସ୍ଥାପକ ଓ ମୁଖ୍ୟ କାର୍ଯ୍ୟବାହକ। ଜଣେ ବିଶିଷ୍ଟ ସାମାଜିକ କର୍ମୀଭାବେ ତାଙ୍କର ଦେଶବ୍ୟାପୀ ସୁନାମ ରହିଛି। ଦୁଷ୍କର୍ମ ପୀଡ଼ିତାମାନଙ୍କୁ ଉଦ୍ଧାର କରିବା, ନ୍ୟାୟ ଦେବା, ପୁନର୍ବାସ ବା ଥଇଥାନ କରିବା ଏବଂ ମହିଳା ଚାଲାଣ ବିରୁଦ୍ଧରେ ଅଭିଯାନ କାର୍ଯ୍ୟରେ ବେଶ୍ ସକ୍ରିୟ ଅଛନ୍ତି ସୁନିତା କ୍ରିଷ୍ଣନ। ଏହି କ୍ଷେତ୍ରରେ ଦୀର୍ଘଦିନର ସଂଘର୍ଷ ତାଙ୍କର। କେବଳ ସେତିକି ନୁହେଁ, ଅନ୍ୟ ଅନେକ ମହିଳାଙ୍କ ଅଧିକାର ପାଇଁ ଲଢୁଥିବା ସୁନିତା କ୍ରିଷ୍ଣନ ନିଜେ ମଧ୍ୟ ଦୁଷ୍କର୍ମର ଶିକାର ହୋଇଛନ୍ତି। ଏକ ସଂଘର୍ଷମୟ ଜୀବନ ଅତିକ୍ରମ କରି ଆସିଛନ୍ତି ସେ। ଏତେ ବେଶୀ ସଂଘର୍ଷପୂର୍ଣ୍ଣ ତାଙ୍କର ଜୀବନ ଯେ, ଯାହା ତାଙ୍କୁ 'ପ୍ରଜ୍ୱଳା' ଭଳି ସଙ୍ଗଠନ ଗଢ଼ିବାରେ ପ୍ରେରିତ କରିଥିଲା।

## ବିଶେଷ ପ୍ରସଙ୍ଗ : ମହିଳାଙ୍କ ଅଧିକାର ଓ ସୁପ୍ରିମକୋର୍ଟଙ୍କ ରାୟ

## ପରିକଳ୍ପନା : ଇତି ସାମନ୍ତ, ଉପସ୍ଥାପନା: ଗାୟତ୍ରୀବାଳା ପଣ୍ଡା

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବିଭିନ୍ନ ସମୟରେ ମହିଳାଙ୍କ ଅଧିକାର, ସମାନତା ଓ ସମ୍ମାନ ସପକ୍ଷରେ ବହୁ ଯୁଗାନ୍ତକାରୀ ରାୟ ପ୍ରଦାନ କରିଛନ୍ତି। ସେହିସବୁ ରାୟ ଭାରତୀୟ ମହିଳାଙ୍କ ସମ୍ମାନ ବୃଦ୍ଧି କରିବା ସହିତ ମହିଳା ସଶକ୍ତିକରଣ ଦିଗରେ ଗୋଟିଏ ଗୋଟିଏ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଛି। ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟର ସେହିସବୁ ଉଲ୍ଲେଖନୀୟ ରାୟ ମଧ୍ୟରୁ କେତୋଟି ପ୍ରମୁଖ ରାୟ ସଂପର୍କରେ ଏକ ପର୍ଯ୍ୟାଲୋଚନା ଏଠାରେ 'କାଦମ୍ବିନୀ'ର ପ୍ରିୟ ପାଠକଙ୍କ ନିମନ୍ତେ।

## ବିଶେଷ ପ୍ରସଙ୍ଗ : ମହିଳା ବିଚାରପତି

ଦଣ୍ଡାୟମାନ ଜଣେ ମହିଳା ଆଖିରେ ପଟି ବାନ୍ଧିଥିବେ। ତାହାଣ ହାତରେ ଧରିଥିବେ ଏକ ତରାଜୁ ଏବଂ ବାମହାତରେ ତରବାରି। ଏହି ପ୍ରତିକୃତି ବା ଚିତ୍ରକୁ ଆଇନ ବ୍ୟବସ୍ଥାର ପ୍ରତୀକଭାବେ ଗ୍ରହଣ କରାଯାଏ।ଏହି ପ୍ରତିକୃତିକୁ ଇଂରାଜୀରେ 'ଲେଡି ଅଫ୍ ଜଷ୍ଟିସ୍' କୁହାଯାଏ। ଏଣୁ ସାଧାରଣରେ ଧାରଣା, ମହିଳାଟିଏ ହିଁ ଉପଯୁକ୍ତ ନ୍ୟାୟ ଦେଇପାରେ! ଦିନ ଥିଲା ଭାରତୀୟ ନ୍ୟାୟ ବ୍ୟବସ୍ଥା ଏକପ୍ରକାର ପୁରୁଷତାନ୍ତ୍ରିକ ଥିଲା। ମହିଳାମାନେ ଆଇନ କ୍ଷେତ୍ର ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁ ନ ଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଅନ୍ୟ ଅନ୍ୟାନ୍ୟ କ୍ଷେତ୍ରପରି ଆଇନ କ୍ଷେତ୍ରକୁ ମଧ୍ୟ ମହିଳାମାନେ ବେଶ୍ ଆପଣେଇ ନେଲେ ଏବଂ ସଫଳ ହେଲେ। ଆଜି ଅଧସ୍ତନ ନ୍ୟାୟାଳୟଠାରୁ ଆରମ୍ଭକରି ସର୍ବୋଚ୍ଚ ନ୍ୟାୟାଳୟ ଯାଏ ମହିଳାମାନଙ୍କ ଉପସ୍ଥିତି ବେଶ୍ ଉଲ୍ଲେଖନୀୟ। ଏହି ପରିପ୍ରେକ୍ଷୀରେ ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବା ସୁପ୍ରିମକୋର୍ଟ ଏବଂ ଆମ ରାଜ୍ୟ ଓଡ଼ିଶାର ଉଚ୍ଚ ନ୍ୟାୟାଳୟ ବା ହାଇକୋର୍ଟର ମାନ୍ୟବର ମହିଳା ବିଚାରପତିଙ୍କ ଗୌରବମୟ ଇତିହାସ ଜାଣିବାପାଇଁ 'କାଦମ୍ବିନୀ'ର ଏକ କ୍ଷୁଦ୍ର ପ୍ରୟାସ। ଉପସ୍ଥାପନା : ଅମିତାଭ ଖିଲାର

## ବିଶେଷ ପ୍ରସଙ୍ଗ : ଲିଙ୍ଗ, ପାଠ୍ୟ, ରାଜନୀତି: ଭାରତରେ ଲେଖିକାଙ୍କ ରଚନା: ପଠନ ସମସ୍ୟା...

## ମୂଳ ଇଂରାଜୀ : କେ. ସଚ୍ଚିଦାନନ୍ଦନ, ଅନୁସୃଜନ: ସୁଜାତା ଆଚାର୍ଯ୍ୟ

ମୀରାଙ୍କର ରଚନାକୁ ଧ୍ୟାନର ସହ ପଠନ କଲେ ତାଙ୍କୁ ନିଜ ସମାଜରେ ସ୍ୱାଗତ କରାଯିବା, ପରିଚିତ ଉପଲବ୍ଧିରେ ତାଙ୍କର ଚିତ୍ରଣ, ରାଷ୍ଟ୍ରବାଦୀ ସମ୍ଭାଷଣରେ ତାଙ୍କର ବ୍ୟାଖ୍ୟାକରଣ ଯେପରିକି, ଗାନ୍ଧୀ ଅନେକ ପ୍ରସଙ୍ଗରେ ତାଙ୍କୁ ସ୍ୱେଚ୍ଛାଚାରୀ ଶାସନ ତଥା ପୁରୁଷମାନଙ୍କର ମାଲିକାନାରୁ ମହିଳାମୁକ୍ତିର ପ୍ରତୀକ ରୂପେ ବିଚାର କରିବା, ସଙ୍ଗୀତ, ଚଳଚ୍ଚିତ୍ର, ଚିତ୍ର କାହାଣୀ ଏବଂ ଗଣମାଧ୍ୟମରେ ତାଙ୍କର ପ୍ରତିନିଧିତ୍ୱକୁ ବିଚାର କରାଯାଇପାରେ।

## ବିଶେଷ ପ୍ରସଙ୍ଗ :ନାରୀ ଅସ୍ମିତାର କାହାଣୀ

## ମୂଳ ଲେଖା : ଅନାମିକା, ଅନୁସୃଜନ: ବିଦେଶୀ ଭଞ୍ଜ

ଜଣେ କର୍ମଜୀବୀ ମହିଳାଙ୍କର ସପିଙ୍ଗ୍ ବ୍ୟାଗ ଯଦି ଆପଣ ଦେଖିବେ ତେବେ ତାହା ଭିତରେ ଏକ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡ ଥିବାର ଅନୁଭବ କରିବେ। ତା' ଭିତରେ ସେପ୍‌ଟିପିନ୍, ପିଲାଙ୍କର ପେନ୍‌ସିଲ୍ ବକ୍ସ, ଚକୋଲେଟ୍, ଆଚାର ମସଲା, ତାଲା ଚାବି, ହନୁମାନ ଚାଳିଶା, ବଣିଆର ରସିଦ୍, ବିନ୍ଦି, ପ୍ୟାକେଟ୍, ଟେଲିଫୋନ୍ ଓ ବିଜୁଳି ବିଲ୍, ପୁରୁଣା ଡାଇରୀ, ମାଆଙ୍କ ଚିଠି, ସିପିଡବ୍ଲୁଡିଙ୍କ ନାଁରେ କୌଣସି ଅଭିଯୋଗ ପତ୍ର, ବ୍ୟାଙ୍କ୍ ଲୋନ୍‌ର କୌଣସି କାଗଜପତ୍ର, ବସ୍ ଟିକେଟ୍ ପଛପଟେ ଅସ୍ପଷ୍ଟ ଅକ୍ଷରରେ ଲେଖା ହୋଇଥିବା କବିତାର ପଦ, ଛୁଆଙ୍କ ଦ୍ୱାରା ଲେଖା ହୋଇଥିବା ଅଙ୍କାବଙ୍କା ଅକ୍ଷରରେ 'ମାଆ' ଆଜି ଶୀଘ୍ର ଆସିବୁ' ଇତ୍ୟାଦି।

## କବିତା

ଏଥର କବିତାରେ ରହିଛି: ସଦାଶିବ ଦାସଙ୍କ 'କ'ଣ ବା ଫେରାଇଦେଇପାରିବ ଝିଅଟିକୁ', ଜୟନ୍ତୀ ରଥଙ୍କ 'ମାଆ-ରାତି ସରିବ କେତେବେଳେ' ଏବଂ ବିମଳ ଜେନାଙ୍କ 'ଗ୍ରାମଦେବତୀ'।

## ଅନୁବାଦ କବିତା:

ଏଥର ଅନୁବାଦ କବିତାରେ ରହିଛି ମୂଳ ଇଂରାଜୀ: ପ୍ରଫେସର ରାନୁ ଉନିୟାଲ୍, ଅନୁବାଦ: ଅଞ୍ଜଳି ଆଚାର୍ଯ୍ୟଙ୍କ 'କେଉଁଠି ନାହଁ ତୁମେ ଯେ'; ମୂଳ ରଚନା: ବିଜୟା ଦାବେ, ଅନୁବାଦ: ନବଜ୍ୟୋତି ରାୟଙ୍କ 'ଭଦ୍ର ସ୍ତ୍ରୀ ଲୋକଙ୍କୁ ଉପଦେଶ'; ଅନୁବାଦ: ପ୍ରବାସିନୀ ମହାକୁଡଙ୍କ 'ଅକ୍କା ମହାଦେବୀଙ୍କ କବିତା'; 'ମୀନାକୁମାରୀଙ୍କ ଶାୟରୀ'

## ଗଳ୍ପ : ପରଦା

## ବିଜୟିନୀ ଦାସ

ସାହିତ୍ୟର କ୍ଷେତ୍ର ହେଉଛି ଏକ ଯୁଦ୍ଧ କ୍ଷେତ୍ର। ଆଗକୁ ମାଡ଼ିଚାଲିବା ହେଉଛି ଏହାର ଏକମାତ୍ର ମନ୍ତ୍ର। ଯେଉଁ ସୈନ୍ୟ କ୍ଷତାକ୍ତ ହୋଇ ପଛରେ ପଡ଼ିଗଲା, ଆଗକୁ ମାଡ଼ି ଚାଲିଥିବା ସୈନ୍ୟମାନେ ପଛକୁ ଫେରି ଚାହାନ୍ତି ନାହିଁ। ଚୈରେବତି ହିଁ ଜୀବନ। ଚୈରେବତି ହିଁ ସଂଗ୍ରାମ।

**ଗଳ୍ପ : ନିଦମାଉସୀ**

**ଲେଖିକା: ଅଜୟ ସ୍ୱାଇଁ**

ସ୍ୱାମୀ ତ ତା'ର ଅଜଣା ରୋଗରେ ବାହାଘରର ଆଠ ମାସରେ ଚାଲିଗଲା। ଶାଶୂଘରୁ, ବାପଘରକୁ ଆସିଲା ସେ। ଏଠି ବି ଖାଲି ମା'ଟିଏ ଥିଲା, ସେ ବି ଚାଲିଗଲା। ଏତେ ଦୁଃଖରେ ବି ନିଦ ଓଠରୁ ହସ ଛଡ଼େଇ ନେଇ ପାରିଲାନି ବିଧାତା। ତୁ ଏକା ନୁହଁ, ତୋ' ପରି କେତେ ପିଲାଙ୍କର ଗୁହମୂତ ସେ କରିଛି। ଭଗବାନ ତାକୁ ବହୁତ ସହିବାର ଶକ୍ତି ଦେଇଛନ୍ତି। ସେ ନିଶ୍ଚେ ଦେବୀ ହେଇଥିବ। ନ ହେଲେ ଏତେ ଦୁଃଖ ସହି ନିଜେ ହସୁଥାନ୍ତା କେମିତି ?

**ଅନୁବାଦ ଗଳ୍ପ : ରେଜେଇ**

**ମୂଳ ଉର୍ଦ୍ଦୁ: ଇସ୍‌ମାତ ଚୁଗତାଇ, ଅନୁବାଦ: ଶକୁନ୍ତଳା ବଳିୟାରସିଂହ**

ରାତିରେ ହଠାତ୍ ଗୋଟେ ଅଦ୍ଭୁତ ଭୟରେ ମୁଁ ଉଠିପଡ଼ିଲି। ଘରେ ଥିଲା ଘନ ଅନ୍ଧାର। ସେଇ ଅନ୍ଧାରରେ ବେଗମଜାନ୍‌ର ରେଜେଇ ଏପଟ ସେପଟ ହେଉଥିଲା ଯେପରି ଗୋଟେ ହାତୀ ତା' ଭିତରେ ଧରାହୋଇ ଅଛି।

**ଅନୁବାଦ ଗଳ୍ପ : ପାହାଚ ଓ ରବି**

**ମୂଳ ମାଲାୟଲମ୍: ସାରା ଯୋଶେଫ, ଅନୁବାଦ: ବିଦ୍ୟୁତ୍‌ପ୍ରଭା ଗନ୍ତାୟତ**

ଏବେ ରବିର ମୁଣ୍ଡକୁ ସାଫ୍ ସଫେଇ, ଝାଡୁ, ବାଲ୍‌ଟି, ଡାକ୍ତର, ରୋଗୀ ଓ ମେଟ୍ରନ୍ ଆଦି ସମସ୍ତେ ମୁଣ୍ଡ ଭିତରକୁ ଏକା ବେଳେକେ ପଶିଆସିଲେ। ସେ ପାହାଚ ଚଢୁଚଢୁ ଶ୍ରୀଜା ପାହାଚ ଓହ୍ଲାଉ ଥିବାର ଦେଖିଲା। ସେଇ ମଲ୍ଲିଫୁଲିଆ ହସଟା ତା' ମୁହଁରେ ଲାଖି ରହିଥିଲା।

**ଅନୁବାଦ ଗଳ୍ପ : କେଉଁଠି ତମେ ଅଛ ହେ ଈଶ୍ୱର**

**ମୂଳ ରଚନା: ବାମା, ଅନୁବାଦ: ବିନୋଦିନୀ ପାତ୍ର**

ମରଣାନ୍ତକ ଭୀତି ମଧ୍ୟରେ ସେମାନେ ପ୍ରେମ କରିପାରିବେ ନାହିଁ, ନିଦ୍ରାର ନୀରବତା ମଧ୍ୟରେ ସେମାନଙ୍କୁ ହତ୍ୟା କରାଯାଉଛି। ବେଶ୍ୟାକରି ତାକୁ ପଇସା ପାଇଁ ବିକ୍ରି କରାଯାଉଛି। ଏସବୁ ଏ ପୃଥିବୀରେ ବେଶ୍ ସହଜରେ ହୋଇ ଚାଲିଛି।

**ଅନୁବାଦ ଗଳ୍ପ : ବନ୍ଧୁତା**

**ମୂଳ ଇଂରାଜୀ : ଅରୁଣା ବୋମାରେଡ୍ଡି, ଅନୁବାଦ: ଲିଙ୍ଗରାଜ ମହାନ୍ତି**

ସେଦିନ ରାତିରେ ବୁଢ଼ୀମା' ପାଖରେ ଶୋଇଥିଲା ବେଳେ ବୁଢ଼ୀମା' ତାକୁ ଧୀରେ ଦୃଢ଼ଭାବେ ଭର୍ତ୍ସନା କରିବା ସହ କହିଲେ, "ତୁ ନିଜ ଜାତିର ଲୋକଙ୍କ ସହ ମିଶିବା ଉଚିତ୍ ନୁହେଁ। ସ୍କୁଲରେ ସେମାନଙ୍କ ପାଖରୁ ଦୂରେଇ ରହିବୁ। ତାଙ୍କ ଘରକୁ ଆଦୌ ଯିବୁ ନାହିଁ।"

**ଅନୁବାଦ ଗଳ୍ପ : ଶ୍ରୀମତୀ ଉଦ୍ୟୋଗିନୀ**

**ମୂଳ ତେଲୁଗୁ : ଆବୁରି ଛାୟାଦେବୀ, ଅନୁବାଦ: ଦୀପ୍ତି ପଟ୍ଟନାୟକ**

"ଆପଣମାନଙ୍କ ପରି ମହିଳାମାନଙ୍କ ମତାମତ ଜାଣିବା ହେଉଛି ମୋର ଗବେଷଣାର ଗୋଟାଏ ଗୁରୁତ୍ୱପୂର୍ଣ୍ଣ ଦିଗ। ଆପଣ ତ ଜାଣନ୍ତି ଆମଦେଶରେ ଚାକିରିଜୀବୀ ବିବାହିତା ମହିଳାଙ୍କ ସଂଖ୍ୟା ନଗଣ୍ୟ। ସେମାନେ କେମିତି ଜଣେ ସ୍ତ୍ରୀ ଓ ଜଣେ ଚାକିରିଆର ଯୁଗ୍ମ ଭୂମିକା ନିର୍ବାହ କରନ୍ତି, ତାଙ୍କର କ'ଣ ସବୁ ସମସ୍ୟା ଏବଂ ସେମାନେ କିପରି ଭାବରେ ସେସବୁର ସାମ୍ନା କରନ୍ତି, ସେସବୁ ଜାଣିବା ମୋର ଉଦ୍ଦେଶ୍ୟ।"

**ଅନୁବାଦ ଗଳ୍ପ : କହୁଛି ଶୁଣ**

**ମୂଳ ମରାଠୀ: ହଂସା ଓ୍ୱାଡ଼କର, ଅନୁବାଦ: ସବିତା ବାରିକ ରାଉତ**

କୋହ୍ଲାପୁରରୁ ଫେରିବା ପରେ ମୋ ମନର ଅଶାନ୍ତି ଆହୁରି ବଢ଼ିଗଲା। ବଳରକର ମୋ ପାଇଁ ଗୁଡ଼ିଏ ପ୍ରତିବନ୍ଧକ ରଖି ଦେଇଥିଲେ। ମୋ କାମ କରିବାର ସମୟ କଥା ମୁଁ ତାଙ୍କୁ ଆଗରୁ ଜଣାଇଦେବାର ଥିଲା। ଫେରିବାର ସମୟ ଯାହା କହିଥିବି ଠିକ ସେତିକି ବେଳକୁ ଘରକୁ ଫେରିବାର ଥିଲା। ଯଦି ଟିକିଏ ବି ବିଳମ୍ବ ହୋଇ ଯାଉଥିଲା ତେବେ ମୋତେ ସେ ଦୁନିଆ କଥା ପଚାରିବେ, ରାଗିବେ  ଆଉ ସନ୍ଦେହ କରିବେ।

**ଅନୁବାଦ ଗଳ୍ପ : ଆକାଶନୀଳ**

**ମୂଳ ହିନ୍ଦୀ: ମାଳତି ପଟସେଙ୍ଗୀ, ଅନୁବାଦ: ଶରତ କୁମାର ରାଉତ**

ପ୍ରତ୍ୟେକ ରାତି ତା' ପାଇଁ ଭୟଙ୍କର ଥିଲା। ଦିନ ସରି ଆସିବା ବେଳକୁ ତା' ଭିତରେ ଭୟର ତାଣ୍ଡବ ସଞ୍ଚାର ହେଉଥିଲା। ତା'ର ଦେହ, ମନ ଲହୁଲୁହାଣ ହେଉଥିଲା। ତା' ଉପରେ ଲମ୍ଫ ଦେଉଥିବା ବିଶାଳ କଳା ଶରୀରଟା ନରମାଂସ ଭୋଜି ଭାଲୁ ଭଳି  ତାକୁ ଲାଗୁଥିଲା।

## ମନୋରଞ୍ଜନ

## ୨୦୧୮ର ଓଡ଼ିଆ ଚଳଚ୍ଚିତ୍ର: ପ୍ରେମ, ପ୍ରେମ ଓ କେବଳ ପ୍ରେମ

୨୦୧୮ରେ ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ରଗୁଡ଼ିକର ସ୍ୱରୂପ ସମ୍ପର୍କରେ ଅମିତାଭ ଖିଲାରଙ୍କ ଉପସ୍ଥାପନା।

## ରାଶିଗଣନା ଓ ତିଥି-ବାର-ବେଳା

ଜାନୁଆରୀ ମାସର ରାଶିଫଳ ସାଙ୍ଗକୁ ଜାନୁଆରୀ ଓ ଫେବୃଆରୀ ମାସରେ ପଡୁଥିବା ବିଭିନ୍ନ ପର୍ବପର୍ବାଣି, ଜନ୍ମତିଥି ଇତ୍ୟାଦି ରହିଛି।

## ଆମ ରୋଷେଇ

ଏ ମାସର ରୋଷେଇ ପୃଷ୍ଠାରେ ଅଛି: ପରିବା ଉପମା, ଆଳୁ ଦହି ଚଟ୍‌ପଟା, କ୍ୟାପ୍‌ସିକମ୍ ସାଲନ୍, କଲରା ମହୁର, କ୍ୟାପ୍‌ସିକମ୍ ଭରୁଆ ଏବଂ ନିମ୍ବପତ୍ର ରାଇତା।

## ଘରକରଣା

ଏଥର ମଧ୍ୟ ଘରକରଣାରେ ରହିଛି କେତୋଟି ଘର ଉପଯୋଗୀ ଟିପ୍ସ।

## ରୂପଚର୍ଯ୍ୟା

ଏଥର ମଧ୍ୟ ରୂପଚର୍ଯ୍ୟାରେ ରହିଛି କେତୋଟି ରୂପ ଉପଯୋଗୀ ଟିପ୍ସ।

## ସ୍ୱାସ୍ଥ୍ୟ ସୂଚନା : କେଶହାନି

କେଶ ଝଡ଼ିବା ବା ଉପୁଡ଼ିବା ଆଗରୁ ବୟସାଧୀକ ସମସ୍ୟା ରୂପେ ପରିଗଣିତ ହେଉଥିଲା ମାତ୍ର ବର୍ତ୍ତମାନ ଏହା ଯେକୌଣସି ବୟସରେ ସମସ୍ତଙ୍କ ପାଖରେ ଦେଖା ହେଲାଣି। କେଶହାନିକୁ ଇଂରାଜୀ ଭାଷାରେ ଆଲୋପେସିଆ (alopecia) କୁହାଯାଇଥାଏ। ଏଥିରେ ମୁଣ୍ଡର ଯେକୌଣସି ଅଂଶରୁ କେଶକ୍ଷୟ ହୋଇ ଧୀରେଧୀରେ ଚନ୍ଦାପଣ ଆସିଯାଇଥାଏ। ବର୍ତ୍ତମାନ ସମୟର ଏହା ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଏହାକୁ ଏକ ସାଧାରଣ ସମସ୍ୟା ବୋଲି ବିଚାର କରିବା ମଧ୍ୟ ଠିକ୍ ନୁହେଁ। ଏଥର 'କାଦମ୍ବିନୀ' ସ୍ୱାସ୍ଥ୍ୟ ସୂଚନା ପୃଷ୍ଠାରେ ସେ ସମ୍ପର୍କରେ କିଛି।

■■■